# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୬.୦୯.୨୦୨୨ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ, ଚେୟାରପରସନ୍,
୨. ଶ୍ରୀ ରାଜକିଶୋର ଦାସ,
୩.ଶ୍ରୀ ଶିବ ପ୍ରସାଦ ବେହେରା,
୪. ଶ୍ରୀ ଚନ୍ଦ୍ରଶେଖର ମଲିଆ,
୫. ଶ୍ରୀମତୀ ଯଶୋଧାରା ପ୍ରଧାନ,
୬. ଶ୍ରୀମତୀ ଅଲିଅଳି ମଲ୍ଲିକ୍,
୭. ଅସିୟା ବେଗମ୍

ଅଦ୍ୟ ତା ୧୬.୦୯.୨୦୨୨ ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧: ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). କମିଟିଙ୍କ ନିର୍ଦ୍ଧାରଣ ସଂଖ୍ୟା-୧(୨) ତା ୦୨.୦୬.୨୨ ରିଖ ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁମାନେ ବ୍ୟବସାୟ କରୁଛନ୍ତି ସେମାନଙ୍କର ତାଲିକା TPCODL ଙ୍କ ଠାରୁ ଅଣାଯାଇଅଛି ବୋଲି ବୈଠକରେ ଉପସ୍ଥିତ ଥିବା ଉପ ଆୟୁକ୍ତ, ରାଜସ୍ୱ କମିଟିଙ୍କୁ ଅବଗତ କରାଇଥିଲେ । ଏହା ଉପରେ ଆଲୋଚନା କରାଗଲା । ଏହି ତାଲିକାକୁ ୱାର୍ଡ଼ୱାରୀ କରିବା ପାଇଁ ତିନି ଗୋଟି ଜୋନ୍‌କୁ ଦୁଇ ଜଣ ଲେଖାଏଁ Graduate with PGDCA ଯୋଗ୍ୟତା ଥିବା ବ୍ୟକ୍ତିଙ୍କୁ Out Sourcing ମାଧ୍ୟମରେ ରଖାଯାଉ ଏବଂ ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁମାନେ ବ୍ୟବସାୟ କରୁଛନ୍ତି ସେମାନଙ୍କ ଠାରୁ ଟ୍ରେଡ୍ ଲାଇସେନ୍ସ ଏବଂ ଯେଉଁ ଗୃହରେ ବ୍ୟବସାୟ କରୁଛନ୍ତି ସେହି ଗୃହରୁ ବ୍ୟବସାୟିକ ଗୃହ ଟିକସ ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଘର ଗୁଡ଼ିକର Door to Door Numbering (DDN) survey ର Household Survey List ର Data base କୁ ପୁନଃ ସମୀକ୍ଷା କରିବା ପାଇଁ ଅତି କମ୍‌ରେ ପ୍ରତ୍ୟେକ ଜୋନ୍‌ରେ ଗୋଟିଏ ଲେଖାଏଁ ୱାର୍ଡ଼ର Survey List ଚେକ୍ କରିବା ପାଇଁ SOP ପ୍ରସ୍ତୁତ କରିବା ନିମନ୍ତେ ନିଷ୍ପତି ହୋଇଥିଲା ତାହା ଉପରେ କୌଣସି ପଦକ୍ଷେପ ନିଆଯାଇନଥିବାରୁ କମିଟି କ୍ଷୋଭ ପ୍ରକାଶ କଲେ । ଏଥିପାଇଁ ଜୋନାଲ୍ ଡେ଼ପୁଟି କମିଶନରଙ୍କ ଅଧକ୍ଷତାରେ ୱାର୍ଡ଼ ଅଫିସର, ୱାର୍ଡ଼ ସୁପରଭାଇଜର, ସମ୍ପୃକ୍ତ ୱାର୍ଡ଼ କର୍ପୋରେଟର ଏବଂ ପାଖ ୱାର୍ଡ଼ର ୱାର୍ଡ଼ ଅଫିସରଙ୍କୁ ନେଇ ଏକ କମିଟି ଗଠନ କରାଯିବ ଏବଂ ଜୋନ୍ ଅଫିସ୍ ପାଖ ୱାର୍ଡ଼ର Survey List କୁ Cross Check କରାଯିବ । ଏ ସମ୍ପର୍କୀତ ନଥି ଉପ ଆୟୁକ୍ତ କର୍ପୋରେସନ୍ ଆସେଟ୍‌ସଙ୍କ ତତ୍ତ୍ୱାବଧାନରେ ଥିବାରୁ ଆସନ୍ତା ମାସ ବୈଠକରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁ ପାର୍କିଂସ୍ଥଳ ନିଲାମ ହୋଇଅଛି ତାହାର ତାଲିକା ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ଏବଂ ସମ୍ପୃକ୍ତ ୱାର୍ଡ଼ କର୍ପୋରେଟରଙ୍କୁ ତାହାର କପି ଦେବାପାଇଁ ଉପ ଆୟୁକ୍ତ ରାଜସ୍ୱଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁ ପାର୍କିଂସ୍ଥଳ ନିଲାମ ଯାଉନାହିଁ ସେଗୁଡ଼ିକୁ Spot Auction ଶୀଘ୍ର କରାଯାଉ, କେହି ନିଲାମ ନନେଲେ upset price ରେ Local Association ଙ୍କୁ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ମାନଙ୍କରେ କାମ କରୁଥିବା କେତେକ ସ୍ୱଚ୍ଛସାଥି ଠିକ୍ ଭାବରେ କାମ କରୁ ନଥିବାର କମିଟିଙ୍କ ଦୃଷ୍ଟିକୁ ଆସିଅଛି । ତେଣୁ ସେମାନଙ୍କ ପରିବର୍ତ୍ତେ ଅନ୍ୟ ମେମ୍ବର ଦେବାପାଇଁ ସମ୍ପୃକ୍ତ SHG ଙ୍କୁ ଅନୁରୋଧ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ସିକ୍ୟୁରିଟି ସଂସ୍ଥାଙ୍କୁ ବହୁ ଅର୍ଥ ଦିଆଯାଉଅଛି, କେଉଁ ସଂସ୍ଥା/ବ୍ୟକ୍ତିଙ୍କ ଦ୍ୱାରା କେତେ ଜଣ ସିକ୍ୟୁରିଟି କେଉଁଠାରେ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ D.C (Estt.) ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). ଭୁବନେଶ୍ୱର ମହାନଗର ନିଗମର କାର୍ଯ୍ୟଭାର ବୃଦ୍ଧି ହେଉଅଛି । ୱାର୍ଡ଼ ଅଫିସର ୱାର୍ଡ଼ର ବିଭିନ୍ନ କାର୍ଯ୍ୟ କରିବାକୁ ପଡୁଅଛି । କର୍ମଚାରୀ ଅଭାବରୁ ଜଣେ ୱାର୍ଡ଼ ଅଫିସରଙ୍କୁ ଦୁଇ ରୁ ତିନି ଗୋଟି ୱାର୍ଡ଼ ଦାୟିତ୍ୱ ଦିଆଯାଇଥିବାରୁ ସେମାନେ ଠିକ୍ ଭାବରେ କାର୍ଯ୍ୟ କରିପାରୁନାହାଁନ୍ତି । ପ୍ରତ୍ୟେକ ୱାର୍ଡ଼କୁ ଜଣେ ଲେଖାଏଁ ୱାର୍ଡ଼ ଅଫିସର ଦେବା ଆବଶ୍ୟକ । ତେଣୁ ଅବଶିଷ୍ଟ ୱାର୍ଡ଼ ଗୁଡ଼ିକ ପାଇଁ Out Sourcing ମାଧମରେ ୱାର୍ଡ଼ ଅଫିସର ରଖିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୮). ଆସନ୍ତା ମାସ ଠାରୁ Head of Account ଅନୁସାରେ ବିସ୍ତୃତ ଭାବେ ଆୟ ଓ ବ୍ୟୟର ହିସାବ ଫର୍ଦ୍ଦ କମିଟିରେ ଉପସ୍ଥାପନ କରିବା ପାଇଁ ନିଗମର ବିତ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ପ୍ରୀତିନନ୍ଦା ରାଉତରାୟ
ସଭାପତି
ତା ୧୬.୦୯.୨୦୨୨ ରିଖ